# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 January - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଅତିଥିଙ୍କ ଓଡ଼ିଶାକୁ ଆଗମନ ଜାରି

– ସମ୍ମିଳନୀକୁ ସଫଳ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଚେଷ୍ଟା ଜାରି ରଖିଛନ୍ତି; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ରାଜ୍ୟ ସରକାର ଏଚ୍‌ଏମ୍‌ପିଭି ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ବରଗଡ଼ ଧନୁଯାତ୍ରାର ପଞ୍ଚମ ଦିନରେ ଆଜି ପ୍ରଭୁ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦର୍ଶନ ହେବ ଅନୁଷ୍ଠିତ

ଏବଂ

- ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ବେଦାନ୍ତ କଳିଙ୍ଗ ଲାନସର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଆଜି ଖେଳାଯିବ ମ୍ୟାଚ

***BBSR/R***

# ପ୍ରବାସୀ ଭାରତୀୟ ଦିବସ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ। ପ୍ରଥମଥର ପାଇଁ ଓଡ଼ିଶାରେ ଏହି ସମ୍ମିଳନୀ ପାଳନ ପାଇଁ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ କରାଯାଇଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଅତିଥିମାନେ ଓଡ଼ିଶାରେ ପହଞ୍ଚୁଛନ୍ତି । ଏହି କାର୍ଯ୍ୟକ୍ରମରେ ୭୦ଟି ରାଷ୍ଟ୍ରରୁ ୪ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ ବୋଲି ସୂଚନା ମିଳିଛି। ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବେ ଏବଂ ଥିମ୍ ପାଭିଲିୟନକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ।

ଅନ୍ୟପକ୍ଷରେ ବିଦେଶରୁ ଆସୁଥିବା ପ୍ରବାସୀ ଭାରତୀୟମାନଙ୍କୁ ଉତ୍ତମ ଆତିଥ୍ୟ ଦିଆଯାଉଥିବାରୁ ସେମାନେ  ଖୁସିବ୍ୟକ୍ତ କରିଛନ୍ତି।

*Puri*

# ଓଡ଼ିଶାରେ ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ଥିବା ବାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଆସନ୍ତାକାଲିଠାରୁ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଡକ୍ଟର ଜୟଶଙ୍କର ଓଡ଼ିଶା ଆସିଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ସଫଳ କରିବାକୁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି।

**- V/O -**

ପ୍ରବାସୀ ଭାରତୀୟ ସମ୍ମିଳନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

*Desk*

# ପ୍ରବାସୀ ଭାରତୀୟ ଦିବସ-କଟକ

ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଅବସରରେ ଅତିଥିଗଣ କଟକର ୫ଟି ସ୍ଥାନ ବୁଲିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ମିଳିଥିବା ସୂଚନା ଅନୁସାରେ ନ୍ୟାୟ ସଂଗ୍ରହାଳୟ, ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ସିଲଭରସିଟି

ବୋଟିଂ କ୍ଲବ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଏବଂ ବୌଦ୍ଧ କୀର୍ତ୍ତିସ୍ଥଳ ଲଳିତଗିରି ସେଥିମଧ୍ୟରେ ଅନ୍ତର୍ଭୁକ୍ତ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏନେଇ ସ୍ଥିତି ସମୀକ୍ଷା କରିଛନ୍ତି । ପ୍ରତ୍ୟେକ ସ୍ଥାନରେ ଜଣେ ଲେଖାଏଁ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି ।

***Desk***

## ମୁଖ୍ୟମନ୍ତ୍ରୀ- ପୁଷ୍ପ

ପୁଷ୍ପ ଚେତନା ଏକ ନୈର୍ସର୍ଗିକ ଉପଲବ୍ଧି ବୋଲି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁଷ୍ପ ପ୍ରଦର୍ଶନୀ ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭବନେଶ୍ୱରର ଏକାମ୍ର କାନନଠାରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପୁଷ୍ପ ପ୍ରଦର୍ଶନୀ ଚାଲିବ।

***Desk***

## ମୁଖ୍ୟମନ୍ତ୍ରୀ- ଡବଲଡେକର ବସ୍

ଭୁବନେଶ୍ୱର ଗାଡ଼କଣାରେ ଡବଲଡେକର ବସ୍‌କୁ ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। ଡବଲଡେକର ବସ୍ ପ୍ରବାସୀ ଭାରତୀୟଙ୍କ ଗମନାଗମନର ସୁବିଧାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ  ଚଳାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ।

*BBSR/R*

# ଏଚ୍.ଏମ୍.ପି.ଭି.

ଏଚ୍.ଏମ୍.ପି.ଭି. ସଂକ୍ରମଣ ନେଇ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ବର୍ତ୍ତମାନ ସମୟରେ ଦେଶର ୩ରୁ ଚାରୋଟି ସ୍ଥାନରେ ଏଚ୍ଏମ୍ପିଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କଟକ ଓ ଭୁବନେଶ୍ୱରରେ ଥିବା ଘରୋଇ ଡାକ୍ତରଖାନା ସମେତ ରାଜ୍ୟର ସମସ୍ତ ମେଡିକାଲ କଲେଜ ଗୁଡ଼ିକରେ ଏଚ୍ଏମ୍ପିଭି ଭାଇରସ୍‌ର ମୁକାବିଲା କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ସମ୍ପର୍କିତ ମାର୍ଗଦର୍ଶିକାକୁ ପାଳନ କରାଯାଇ ପରିସ୍ଥିତିର ମୁକାବିଲା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଥଣ୍ଡା, ଜ୍ୱର, କାଶ ହେଲେ ତୁରନ୍ତ ଚିକିତ୍ସା କରାଇବା ସହ ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

*Jajapur*

# ଧାନବିକ୍ରୟ ମଣ୍ଡି ଉଦ୍‌ଘାଟନ

ଯାଜପୁର ଜିଲ୍ଲାରେ ଆଜିଠାରୁ ପ୍ରଥମ ଖରିଫ ଧାନ ବିକ୍ରୟ ମଣ୍ଡିକୁ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରିଛନ୍ତି। ପାଣିକୋଇଲିଠାରେ ଆରମ୍ଭ ହୋଇଥିବା ମଣ୍ଡିର ଶୁଭାରମ୍ଭରେ କୋରେଇ ବିଧାୟକ ଆକାଶଦାସ ନାୟକ, ଜିଲ୍ଲାପାଳ ପି.ଅନ୍ୱେଷା

ରେଡ୍ଡୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁସାରେ ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ଚାଷୀଙ୍କୁ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

***Baragada***

## ବରଗଡ ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପଞ୍ଚମ ଦିବସରେ ଆଜି ଜରାସନ୍ଧ ସହ ଯୁଦ୍ଧ, ହେତି-ପ୍ରହେତିଙ୍କ ବିବାହ, ରାକ୍ଷସ- ରାକ୍ଷସୀଙ୍କ ନିଧନ ଖବର, କାଳିଆ ଦଳନ, ବିଶ୍ୱରୂପ ଦର୍ଶନ ଆଦି କାର୍ଯ୍ୟକ୍ରମ ଅଭିନୀତ ହେବ। ଚତୁର୍ଥ ଦିବସରେ ଗତକାଲି ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହୋଇଥିଲା। କୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଦେଖିବା ପାଇଁ ଗୋପପୁରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

ପୌରାଣିକ କଥାବସ୍ତୁର ପ୍ରତ୍ୟେକ ଚରିତ୍ର ଜୀବନ୍ତ ଭୂମିକାରେ ଅଭିନୟ କରି ଲୋକଙ୍କୁ ଦ୍ୱାପର ଯୁଗକୁ ଫେରାଇ ନେବା ପାଇଁ ଏହି ବରଗଡ଼ ଧନୁଯାତ୍ରାରେ ଗତ ୭୭ବର୍ଷ ଧରି ଆୟୋଜନ କରାଯାଉଛି । ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

*Desk*

## ନନ୍ଦନକାନନ ପ୍ରତିଷ୍ଠା

ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଆଜି ତାର ୬୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ନବନିର୍ମିତ ନିରାପତ୍ତା କର୍ମଚାରୀ ବାସଗୃହ, ଲାଇବ୍ରେରୀ ଏବଂ ଡିଜିଟାଲ ହବ୍, ନବୀକରଣ ହୋଇଥିବା ଭାଲୁ ଖୁଆଡ଼, ପକ୍ଷୀ କ୍ୱାରେନଣ୍ଟାଇନ୍ ଆଦିକୁ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଉଦ୍‌ଘାଟନ କରିବେ। ସୂଚନାଯୋଗ୍ୟ, ପ୍ରତି ବର୍ଷ ଡିସେମ୍ବର ୨୯ ତାରିଖରେ ନନ୍ଦନକାନନର ପ୍ରତିଷ୍ଠା ଦିବସ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁଁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା।

*HS*

## ନୃତ୍ୟ ମହୋତ୍ସବ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆଜିଠାରୁ ଭୁବନେଶ୍ୱରରେ ରାଜାରାଣୀ ସଙ୍ଗୀତ ମହୋତ୍ସବ, ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବ ଏବଂ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେଉଛି। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଶାସ୍ତ୍ରୀୟ ନୃତ୍ୟ ସମେତ ଶାସ୍ତ୍ରୀୟ ସଙ୍ଗୀତ ମଧ୍ୟ ପରିବେଷଣ କରାଯିବ। ରବୀନ୍ଦ୍ର ମଣ୍ଡପ, ରାଜାରାଣୀ ମନ୍ଦିର ପ୍ରାଙ୍ଗଣ, ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ମହୋତ୍ସବମାନ ଆୟୋଜିତ ହେବ।

*Naygarh*

## ରଣପୁର ମହୋତ୍ସବ

ନୟାଗଡ଼ ଜିଲ୍ଲା ରଣପୁରଠାରେ ରଣପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗତକାଲି ବାଚସ୍ପତି ସୁରମା ପାଢ଼ୀ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ନୟାଗଡ଼ର ସଂସ୍କୃତି, ପରମ୍ପରା ଓ ସହିଦମାନଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜିତ କରାଯାଉଛି।

*Ganjam*

## ଧାନମଣ୍ଡି ଉଦ୍‌ଘାଟନ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ରୁମାଗଡ଼ ସେବା ସମବାୟ ସମିତିର ବ୍ଲକସ୍ତରୀୟ ଧାନମଣ୍ଡିକୁ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ସରକାରଙ୍କ ପକ୍ଷରୁ ଚାଷୀମାନେ କିଭଳି ଧାନର ଉଚିତ ପ୍ରାପ୍ୟ ପାଇବେ ସେ ନେଇ ଦୃଷ୍ଟି ରଖାଯାଇଛି। ଚାଷୀଙ୍କ ଉଭୟ ଓଦା ଓ ଶୁଖିଲା ଧାନକୁ ସରକାର କିଣିବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

*Ganjam*

## ସଡ଼କ ସୁରକ୍ଷା ସପ୍ତାହ ପାଳନ

ଗଞ୍ଜାମ ଜିଲ୍ଲା କ୍ଷେତ୍ରୀୟ ବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଡ଼କ ପରିବହନ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଶୀର୍ଷକ ଉପରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ।

***BHK***

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆଖଣ୍ଡଳମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବରପଦା କୁସୁନୁନଗର କେକେଆର୍ ମହିଳା ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଛାତ୍ରୀଙ୍କୁ ଆତ୍ମରକ୍ଷା ଓ ସାହସର ସହିତ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ପାଇଁ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ।

***Nuapada***

## ହାଇସ୍କୁଲର ବାର୍ଷିକ ଉତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଟୁକଲାସ୍ଥିତ ସରକାରୀ ହାଇସ୍କୁଲର ୫୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଦ୍ୱାରା ଗ୍ରାମାଞ୍ଚଳର ପ୍ରକୃତ ବିକାଶ ହୋଇଥାଏ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ କଳାହାଣ୍ଡି ସାଂସଦ ମାଳବିକା ଦେବୀ କହିଛନ୍ତି। ନୂତନ ଶିକ୍ଷାନୀତି ବିଦ୍ୟାର୍ଥୀଙ୍କୁ ନିଜ ଇଚ୍ଛା ମୁତାବକ ଶିକ୍ଷା ଗ୍ରହଣର ସୁଯୋଗ ଦେଇଛି ବୋଲି ସାଂସଦ କହିଛନ୍ତି। ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

***Desk***

# ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଜି ବେଦାନ୍ତ କଳିଙ୍ଗ ଲାନସର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ରାତି ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ।

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ସୁରମା ହକି କ୍ଲବ ବିଜୟୀ ହୋଇଛି । ସୁର୍‌ମା ହକି କ୍ଲବ’ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି ।

*********************************